

PLEDGE 'PLASTIC-FREE' ODISHA
Bijay Mohanty
Actor
#PlasticFreeOdisha
ଧରିତ୍ରୀ DHARITRI TEAM

## ସଂକ୍ଷେପରେ

### ଆୟାପ୍ପା ଭକ୍ତଙ୍କ ଇରୁମୁଡ଼ି ପୂଜା



ଡାବୁଗାଁ,୨୧।୧୧(ଡି.ଏନ.ଏ.)- ଡାବୁଗାଁ ବ୍ଲକ ଅଧୀନ ଜୟନ୍ତୀନଗରସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଆୟାପା ଭକ୍ତଙ୍କ ଇରୁମୁଡି ପୂଜା ଅନୁଷ୍ଠିତ ହୋଇଛି। ଜୟପୁରର ରାବଣା ଗୁରୁସ୍ୱାମୀ ଆଇ. ରାବଣା ସ୍ୱାମୀ ଯୋଗଦେଇ ପୂଜାର୍ଚ୍ଚନା କରି ବ୍ରତଧାରୀଙ୍କ ମୁଣ୍ଡରେ ଇରୁମୁଡି ଧାରଣ କରାଇଥିଲେ। । ସମସ୍ତ ଭକ୍ତମାନେ କେରଳର ସାବରିମାଲା ଯାଇ ସେଠାର ପବିତ୍ର ନଦୀରେ ସ୍ନାନ ସାରି ସେଠାରୁ ଯାଇ ଆୟାପ୍ପା ସ୍ୱାମୀଙ୍କ ମନ୍ଦିରରେ ଆୟାପ୍ପା ସ୍ୱାମୀଙ୍କୁ ଦର୍ଶନ କରିବେ। ବୁଧବାର କାର୍ଯ୍ୟକ୍ରମରେ ୨ ଜଣ ମଣିକଣ୍ଠ ସ୍ୱାମୀ ଓ ଜଣେ ସବାରୀ ମାତା, ଡାବୁଗାଁ ଗୁରୁସ୍ୱାମୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ସ୍ୱାମୀ ଚିତ୍ତରଞ୍ଜନ ପାତ୍ର, ଶାନ୍ତନୁ ଖୁଣ୍ଟିଆ, କାହ୍ନା, ମୁରଲୀ, ଭିକିଙ୍କ ସମେତ ମୋଟ ୨୨ ଜଣ ବ୍ରତଧାରୀ ସ୍ୱାମୀ ଇରୁମୁଡି ଧାରଣ କରିଥିଲେ। ସମସ୍ତ ସ୍ୱାମୀମାନେ ସନ୍ଧ୍ୟାରେ ଆୟାପ୍ପାଙ୍କ ଦର୍ଶନାର୍ଥେ କେରଳ ଅଭିମୁଖେ ଯାତ୍ରା କରିଛନ୍ତି।

### ମିନିବସ୍ ଚୋରି

ଦିଗପହଣ୍ଡି,୨୧।୧୧(ଡି.ଏନ.ଏ.)- ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ସମ୍ମୁଖ ମୁଖ୍ୟରାସ୍ତା କଡ଼ରୁ ମଙ୍ଗଳବାର ରାତିରେ ଏକ ୪୦୭ ସିଟି ରାଇଡ୍ ଯାତ୍ରିବାହୀ ମିନିବସ୍ (ନଂ.ଓଆର୦୭ଜେ-୩୩୩୮) ଚୋରି ହୋଇଥିବା ଅଭିଯୋଗ ହୋଇଛି।

■ ଭାଜପା ରାଜ୍ୟ ସଭାପତିଙ୍କ ନବରଙ୍ଗପୁର ଗସ୍ତ

# ଦୁର୍ନୀତି କଥା କହିଲେ, ଉତ୍ତର ଦେବା ବେଳକୁ ପଛଘୁଞ୍ଚା

ନବରଙ୍ଗପୁର,୨୧।୧୧(ବି.ପ୍ର. )

ଭାଜପା ରାଜ୍ୟ ସଭାପତି ତଥା ନୂଆପଡ଼ା ବିଧାୟକ ବସନ୍ତ ପଣ୍ଡା ନବରଙ୍ଗପୁର ଗସ୍ତରେ ଆସି ମାଉଁଣ୍ଟଆବୁର ମୁଖ୍ୟ ପ୍ରଶାସିକା ରାଜଯୋଗୀନୀ ଜାଦୀ ଜାନକୀ ଜୀଙ୍କ ଆଶିଷ ଗ୍ରହଣ କରିବା ସହ ଜିଲାର ଦଳୀୟ କର୍ମକର୍ତ୍ତାଙ୍କ ସହିତ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଆଲୋଚନା କରିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ପରେ ଖବରଦାତା ସମ୍ମିଳନୀରେ ବିଜେଡି ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, କୃଷି କ୍ଷେତ୍ରରେ ଚାଷୀଙ୍କୁ ସରକାର ସୁବିଧାସୁଯୋଗ ଯୋଗାଉ ନାହାନ୍ତି। ଚାଷୀ ମାରଣନୀତି, ଜିଲାସ୍ତରୀୟ ନିଯୁକ୍ତି ପ୍ରକ୍ରିୟା ଉଚ୍ଛେଦ କରି ରାଜ୍ୟସ୍ତରୀୟ ନିଯୁକ୍ତି ପ୍ରକ୍ରିୟା ୨୦୧୩ରୁ ଲାଗୁ କରିଛନ୍ତି। ଏହା ଦ୍ୱାରା ଅନେକ ଶିକ୍ଷିତ ବେକାର ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି । ବିଜେଡି ସରକାର ମିଥ୍ୟା ତଥ୍ୟ ଦେଇ ବିକାଶକୁ ବହୁ ପଛରେ ପକାଦେଇଛି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟ ସରକାର କାର୍ଯ୍ୟକାରୀ କରୁନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ରାଜ୍ୟ ସରକାର ବ୍ୟାପକ ହେର୍‌ଫେର କରୁଛନ୍ତି। ବିଜେଡି ସରକାର ଯେଉଁ ସବୁ ହୋର୍ଡିଂ ଲଗାଇ ମିଥ୍ୟା ପ୍ରଚାର କରୁଛନ୍ତି, ତାହାର ତାଲିକା ପ୍ରଦାନ କରିପାରିବେ କି ବୋଲି ଭାଜପା ରାଜ୍ୟ ସଭାପତି ପଣ୍ଡା ପ୍ରଶ୍ନ କରିଛନ୍ତି। ରାଜ୍ୟରେ ୧୮ ଲକ୍ଷ ଲୋକଙ୍କୁ ରାଶନ କାର୍ଡ ରାଜ୍ୟ ସରକାର ଯୋଗାଇଛନ୍ତି । ଅନ୍ୟମାନେ ଯେଉଁ ରାଶନ କାର୍ଡ ପାଇଛନ୍ତି ତାହା କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ଏଥିରୁ ରାଜ୍ୟବାସୀ ଜାଣିବା ଆବଶ୍ୟକ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର କେତେ ଲକ୍ଷ ଲୋକଙ୍କ ଭରସାର ପାତ୍ର ହୋଇଛନ୍ତି ବୋଲି ସେ କହିଛନ୍ତି। ସ୍ୱଚ୍ଛ ଭାରତ ଓ ସୌଭାଗ୍ୟ ଯୋଜନାରେ ଓଡ଼ିଶାରେ ବହୁ ଦୁର୍ନୀତି ହୋଇଛି। ଏନେଇ ଭାଜପା ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଆମ ଗାଁ ଆମ ବିକାଶ ଯୋଜନାକୁ ନେଇ ହାଇକୋର୍ଟରେ ଏକ ପିଆଇଏଲ୍ ଫାଇଲ ହୋଇଛି ବୋଲି ଭାଜପା ରାଜ୍ୟ ସଭାପତି ପଣ୍ଡା କହିଛନ୍ତି। କେନ୍ଦ୍ର ଅନୁଦାନ ଯୋଗାଇଲେ ରାଜ୍ୟ ଖର୍ଚ୍ଚ କରିପାରୁ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ କେନ୍ଦ୍ର ପକ୍ଷରୁ ରାଜ୍ୟରେ ଯୋଜନା ଗୁଡ଼ିକୁ ନେଇ ଯେତେଥର ସମୀକ୍ଷା କରାଯାଇଛି ଏବଂ ସମୀକ୍ଷା ପରେ ଦୁର୍ନୀତିକୁ ନେଇ କେଉଁ ଅଧିକାରୀ, ବ୍ୟକ୍ତ ବିଶେଷଙ୍କ ଉପରେ କି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ କରାଯିବାରୁ ସେ ତାହାର ସଠିକ୍ ଉତ୍ତର ଦେଇ ନ ଥିଲେ। ସେହିଭଳି ଆଗକୁ ସାଧାରଣ ନିର୍ବାଚନ । ନବରଙ୍ଗପୁର ଜିଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳି ରହିଛି । ପ୍ରାର୍ଥୀ କିଏ ହେବ, ତାହା ଏଯାଏ ସ୍ୱଷ୍ଟ ହୋଇ ନାହିଁ। ଏନେଇ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ କରାଯିବାରୁ ଯୋଗ୍ୟତା ଭିତ୍ତିରେ ପ୍ରାର୍ଥୀଙ୍କୁ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଦଳ ଭିତରେ ଅନେକ ଆଶାୟୀ ଥିବାରୁ ପ୍ରାର୍ଥୀ ଘୋଷଣା କଲେ। ଦଳ ଭିତରେ ଫାଟ ସୃଷ୍ଟି ହେବାକୁ ଏଡାଇ ଦିଆଯାଇ ନ ପାରେ ବୋଲି ପ୍ରଶ୍ନ କରାଯିବାରୁ ସେ କହିଥିଲେ, ପରିବାର ମଧ୍ୟରେ କୌଣସି ସମସ୍ୟା ହେବ ନାହିଁ ଜନପରାମର୍ଶ ପଦଯାତ୍ରା କାର୍ଯ୍ୟକ୍ରମ ନିରନ୍ତର ଜାରି ରହିବ । ମିଶନ ୧୨୦କୁ ସଫଳ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋବିନ୍ଦ ଜୈନ, ଯୁବ ମୋର୍ଚ୍ଚା ଜିଲା ସଭାପତି କାହ୍ନୁ ଦାଶ, ଅରୁଣ ପୂଜାରୀ, ଅରୁଣ ସାହୁ, ଜିଲା ସମ୍ପାଦକ ଜଗଦିଶ ବିଷୋୟୀ, ରାଜ୍ୟ ଅନୁସୂଚିତ ଜନଜତି ସମ୍ପାଦକ ନିତ୍ୟାନନ୍ଦ ଗଣ୍ଡ, ଦିବାକର ପୂଜାରୀ, ସତ୍ୟବାଦୀ ଷଢଙ୍ଗୀ, ଓବିସି ମୋର୍ଚ୍ଚା ଜିଲା ସଭାପତି ମନୋଜ ମହାଙ୍କୁଡ, ମିଡିଆ ସଂଯୋଜକ ସଂଜୀବ ନନ୍ଦ ଉପସ୍ଥିତ ଥିଲେ ।


ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ସ୍ଥାନୀୟ ସର୍କିଟ ହାଉସଠାରେ ଆଲୋଚନା କରୁଛନ୍ତି ।

■ ଦଳୀୟ କାର୍ଯ୍ୟକ୍ରମ ସମୀକ୍ଷା
■ ବିଜେଡିକୁ ସମାଲୋଚନା

# 'ମଣ୍ଡେଇ' ଅବସରରେ ମନ କିଣିବ ମଞ୍ଚନାଟକ

■ ୨୭ରୁ ଡିସେମ୍ବର ୨ ଯାଏ ଚାଲିବ ପ୍ରତିଯୋଗିତା
■ ପ୍ରଥମ ସନ୍ଧ୍ୟାରେ 'ଖସି ପଡ଼ିଛିକି ଆକାଶ ଚାନ୍ଦ' , 'ଫେସ୍‌ବୁକ'

ନବରଙ୍ଗପୁର,୨୧।୧୧(ବି.ପ୍ର.)

ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବରଙ୍ଗପୁର ଜିଲାର ଲୋକ ମହୋତ୍ସବ ମଣ୍ଡେଇ ୨୦୧୮ ଡିସେମ୍ବର ୭ରୁ ୧୧ ପର୍ଯ୍ୟନ୍ତ ପାଳିତ ହେବ । ଆସନ୍ତା ୨୭ ତାରିଖରୁ ୨ ଡିସେମ୍ବର ପର୍ଯ୍ୟନ୍ତ ମଣ୍ଡେଇ ମଞ୍ଚ ନାଟକ ପ୍ରତିଯୋଗିତା ସ୍ଥାନୀୟ ଶାସ୍ତ୍ରୀ ଭବନଠାରେ ପ୍ରତିଦିନ ସନ୍ଧ୍ୟା ସାଢେ ୬ରୁ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ଜିଲାର ବ୍ଲକ ଓ ପୌର ପରିଷଦ ଓ ଜିଲା ଆରକ୍ଷୀ ବାହିନୀ ଦଳଗୁଡିକ ଅଂଶ ଗ୍ରହଣ କରିବେ । ମଞ୍ଚ କଳା ଓ ମଞ୍ଚ ନାଟ୍ୟକୁ ଅଗ୍ରାଧିକାର ଦେଇ ଜିଲାର ବିଭିନ୍ନ ସ୍ଥାନରୁ ମଞ୍ଚ କଳାକାରଙ୍କୁ ଏକାଠି କରି ଗୋଟିଏ ରଙ୍ଗମଞ୍ଚ ପ୍ରଦାନ କରିବାରେ ନବରଙ୍ଗପୁର ଜିଲା ରାଜ୍ୟରେ ପ୍ରଥମ । ୨୦୦୮ରୁ ଜିଲା ମହୋତ୍ସବ ମଣ୍ଡେଇ ମାଧ୍ୟମରେ ଜିଲା ସଂସ୍କୃତି ବିଭାଗ ଏହି ପ୍ରୟାସ ଜାରି ରଖିଛି । ଦିନକୁ ଦିନ ମଞ୍ଚ କଳାପ୍ରତି ଦର୍ଶକଙ୍କ ବିମୁଖତା କଳାକାର ଗୋଷ୍ଠୀଙ୍କୁ ହତୋତ୍ସାହିତ କରିଚାଲିଥିବା ସ୍ଥଳେ ମଣ୍ଡେଇ ମଞ୍ଚ ନାଟକ ପ୍ରତିଯୋଗିତା କେବଳ ଏକ ପ୍ରୟାସ ନୁହେଁ , ଏହା ଆନ୍ଦୋଳନ ବୋଲି ମଞ୍ଚ ନାଟକ କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲାପାଳ ପରିକ୍ଷୀତ ସେଠୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ବୈଠକରେ କୁହାଯାଇଛି। ବୈଠକରେ ନାଟକ ପ୍ରତିଯୋଗିତା ପାଇଁ ଚିଠା ପ୍ରସ୍ତୁତ କରାଯାଇଥିଲା । ୨୭ ତାରିଖରେ ଉମରକୋଟ ପୌର ପରିଷଦର 'ଖସି ପଡ଼ିଛିକି ଆକାଶ ଚାନ୍ଦ' ଓ ନରଙ୍ଗପୁର ବ୍ଲକର 'ଫେସ୍‌ବୁକ' ନାଟକ ପରିବେଷଣ ହେବ । ୨୮ରେ ନନ୍ଦାହାଣ୍ଡି ବ୍ଲକର ମୁଖା ଓ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ନାଟକ ପରିବେଷଣ ହେବ । ସେହିଭଳି ୨୯ରେ ରାଇଘର ବ୍ଲକର ପାବା ଓ ପାପଡାହାଣ୍ଡିର ଛକ ଉପରେ ନାଟକ ପରିବେଷଣ ହେବ । ୩୦ରେ ଝରିଗାଁ ବ୍ଲକର ସଂସ୍କାର, ନବରଙ୍ଗପୁର ପୌର ପରିଷଦର ଅଭିଶପ୍ତ ଜୀବନ , ଡିସେମ୍ବର ୧ ରେ କୋଷାଗୁମୁଡ଼ା ବ୍ଲକର ଭିନ୍ନ ଏକ ରେବତୀ, ଉମରକୋଟ ବ୍ଲକର କଂଶ ଏବଂ ୨ ତାରିଖରେ ଜିଲା ଆରୀ ବାହିନୀ ପକ୍ଷରୁ ନାଟକ ପରିବେଷଣ ହେବ । ବୈଠକରେ ରାମ ସିଂ, ଦେବଦାଶ ମହାଙ୍କୁଡ, ଦିଲ୍ଲିପ ହୋତା, ଭୁବନେଶ୍ୱର ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ଦୁର୍ଗା ପ୍ରସାଦ ପ୍ରଧାନ, ଚିଦାନନ୍ଦ ପଟ୍ଟନାୟକ, ଗୋକୁଳ ଖାଡ଼ଙ୍ଗା, ସୁରେଶ ମହାନ୍ତି, ଦୁର୍ଗା ପ୍ରସାଦ ପାଢୀ, ଫାଲ୍‌ଗୁନୀ ପାତ୍ର, ହୃଷିକେଶ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ପ୍ରଫେଟ୍ ମହମ୍ମଦଙ୍କ ଜୟନ୍ତୀ

ଉମରକୋଟ/ନବରଙ୍ଗପୁର, ୨୧।୧୧(ଡି.ଏନ.ଏ./ବି.ପ୍ର.)–

ବୁଧବାର ଉମରକୋଟଠାରେ ଥିବା ମସ୍‌ଜିଦରେ ଇସ୍‌ଲାମ ଧର୍ମଯାଜକ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଛି। ଉମରକୋଟର ଅଞ୍ଜୁମାନ ଇସ୍‌ଲାମୀୟ କମିଟି ପକ୍ଷରୁ ମୁସଲମାନ ସମ୍ପ୍ରଦାୟ ଭାଇମାନେ ସ୍ଥାନୀୟ ମସ୍‌ଜିଦ ନିକଟରୁ ଏକ ରାଲିରେ ବାହାରି ସହର ପରିକ୍ରମା କରି ମସ୍‌ଜିଦ ନିକଟରେ ପହଞ୍ଚିଥିଲେ। ଏହା ପରେ ଧର୍ମଗୁରୁଙ୍କ ଉଦ୍ଦେଶ୍ୟରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଧର୍ମସଭା କାର୍ଯ୍ୟରେ ମୁଖ୍ୟ ଅତିଥିରୂପେ ହଜରତ୍ ମୌଲାନା ସାକିର ଭଲାକାନ୍ଦିରୀ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ମୌଲାନା ଆଲ୍ଲାଉଦ୍ଦିନ ଚର୍ତୁବେଦୀ ଓ ମୌଲାନା ଅକିଲରାଜା ମୁରବାବାଦି ଯୋଗଦେଇ ପ୍ରଫେଟ୍ ମହମ୍ମଦଙ୍କ ଜୀବନୀ ସମ୍ପର୍କରେ ଉପସ୍ଥିତ ମୁସଲମାନ ଭାଇଭଉଣୀଙ୍କୁ ଅବଗତ କରାଇଥିଲେ। ଉପସ୍ଥିତ ସମସ୍ତ ମୁସଲମାନ ଭାଇ ପରସ୍ପରକୁ ଆଲିଙ୍ଗନ କରି ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଜୁମାନ ଇସ୍‌ଲାମୀୟ କମିଟି ପକ୍ଷରୁ କମ୍ବଳ, ଶୀତବସ୍ତ୍ର ଗରିବ ଲୋକମାନଙ୍କୁ ବଣ୍ଟାଯାଇଛି। ମସ୍‌ଜିଦ ନିକଟସ୍ଥ ଅନାଥ ଆଶ୍ରମର କମ୍ପ୍ୟୁଟର ଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଅଞ୍ଜୁମାନ ଇସ୍‌ଲାମୀୟ କମିଟି ସଭାପତି ଖାଲିଦ ପପୁ ଜିଲାନ, ଉପସଭାପତି ଶେଖ୍ ସାଲିମ ଅଲି ଲାଠିଆ ଓ ନାସିରଉଲ୍ଲା ସୁଫି, ସମ୍ପାଦକ ହମର ହିଙ୍ଗରା, ସହସମ୍ପାଦକ ଶେଖ୍ ଅନିସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସଲିମ ରାଠର୍, ଇସା ଲାଠିଆ, ହାରୁନ ଲାଠିଆ, ବବ୍‌ଲୁ ଜିଲାନି ଧର୍ମସଭାକୁ ପରିଚାଳନା କରିଥିଲେ।

ସେହିପରି ମହମ୍ମଦ ଜୟନ୍ତୀ ଉପଲକ୍ଷେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇଦ୍ ମିଲାଦ ନବି ଏକ ଜୁଲୁସ ଶୋଭାଯାତ୍ରା ମସ୍‌ଜିଦ ନିକଟରୁ ବାହାରି ସହର ପରିକ୍ରମା କରାଯାଇଛି। ଏଥିରେ ପୂର୍ବତନ ବିଧାୟକ ସଦନ ନାୟକ ସାମିଲ ହୋଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ କୁଷ୍ଠରୋଗୀ ନିରାକରଣ ଚିକିତ୍ସାଳୟ ଓ ବସ୍ତି ଅଞ୍ଚଳ, ଜାନକି ନଗର ଏବଂ ସହରରେ ଗରିବ ପଥିକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ସମସ୍ତଙ୍କ ମଧ୍ୟରେ ଭାଇଚାରା ସହ ଏକ ହର୍ଷ ଉଲ୍ଲାସପୂର୍ଣ୍ଣ ବାତାବରଣରେ ଏହି ଶୋଭାଯାତ୍ରା ଓ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।


ମୁସଲମାନ ସମ୍ପ୍ରଦାୟ ଭାଇମାନେ ସ୍ଥାନୀୟ ମସ୍‌ଜିଦ ନିକଟରୁ ଏକ ରାଲିରେ ବାହାରି ସହର ପରିକ୍ରମା କରୁଛନ୍ତି।

# ୩ ଦିନିଆ ଗସ୍ତରେ ରାଜଯୋଗିନୀ ଜାନକୀ ଦାଦିଜୀ

ନବରଙ୍ଗପୁର,୨୧।୧୧(ବି.ପ୍ର.)

ତିନିଦିନିଆ ଗସ୍ତରେ ଆସି ନବରଙ୍ଗପୁରରେ ପହଞ୍ଚିଛନ୍ତି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଡଃ. ଜାନକୀ ଦାଦିଜୀ । ରାଜ୍ୟ ସରକାରଙ୍କ ଅତିଥିଭାବେ ସେ ଓଡ଼ିଶା ଆସିଛନ୍ତି। ନବରଙ୍ଗପୁର ଆଞ୍ଚଳିକ ଆଶ୍ରମରେ ପହଞ୍ଚିବାପରେ ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ଓ ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ପରେ ସେ ଆଶ୍ରମର ନୂତନ ଲିଫ୍ଟକୁ ଉଦଘାଟନ କରିବା ସହ ଉପର ମହଲର ସ୍ୱଦର୍ଶନ ସମ୍ମିଳନୀ କକ୍ଷ ଉଦ୍‌ଘାଟନ କରିଥିଲେ । ବୁଧବାର ସକାଳେ ରାଜଯୋଗ ଶିବିରରେ ଯୋଗଦେଇ ଥିଲେ । ଏହାପରେ ସେ ଜେଟୁଗୁଡ଼ା ନିକଟରେ ଆନନ୍ଦସରୋବର ଭୂମି ପୂଜନ କରିଥିଲେ । ଏଠାରେ ଏକ ଏକର ଜମିରେ ଡିସପେନସେରୀ, ଅବାସ ଘର ଓ ସମ୍ମିଳନୀ କକ୍ଷ ନିର୍ମାଣ କରାଯିବା ଏଥିରେ ବିଜେପିର ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଜଯୋଗୀନୀ ଆଶାଜୀ, ଆଞ୍ଚଳିକ କେନ୍ଦ୍ର ସଂଯୋଜିକା ବ୍ରହ୍ମାକୁମାରୀ ନୀଲମଜୀ, ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ ଯୋଗଦେଇଥିଲେ । ଏହାପରେ ଦାଦିଜୀ ଆଶ୍ରମରେ ସମର୍ପଣ ବ୍ରହ୍ମାକୁମାରୀ ପରିବାର ଲୋକଙ୍କର ସହିତ ଆଲୋଚନ କରିଥିଲେ । ସନ୍ଧ୍ୟାରେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ମିଶି ସେମାନଙ୍କୁ ରାଜଯୋଗର ଆବଶ୍ୟକତା ଉପରେ କହିଥିଲେ । ଏଥିରେ ଜିଲାପାଳ, ଅତିରିକ୍ତ ଜିଲାପାଳ ପରୀକ୍ଷିତ ପାତ୍ର, ସିଡିଏମଓ ଡଃ.ସରୋଜ କୁମାର ନାୟକ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଉପଜିଲାପାଳ କରୁଣାକର ରାଇକା, ଡିଏଫଓ ରଂଜନ କୁମାର ମଲ୍ଲିକ, ଅବକାରୀ ଅଧୀକ୍ଷକ, ଗୃହ ଓ ରାସ୍ତା ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ସାମଲ, ସାଉଥ୍‌କୋ ନିର୍ବାହୀଯନ୍ତ୍ରୀ ବସନ୍ତ ମହାପାତ୍ର, ଆରଡବ୍ଲୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ତହସିଲଦାର ଅକ୍ଷୟ ଖେମୁଣ୍ଡୁ ସାମିଲ ଥିଲେ। ଏହାପରେ ମଣ୍ଡେଇ ପଡିଆରେ ଅନୁଷ୍ଠିତ ୨୫ ଜଣ ବ୍ରହ୍ମାକୁମାରଙ୍କର ସମର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ ।


ରାଜଯୋଗିନୀ ଜାନକୀ ଦାଦିଜୀ ଆଲୋଚନା କରୁଛନ୍ତି ।

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍
ଭାରତ ସରକାର
ପିଏନ୍‌ଜିଆରବି



**ସ୍ୱଚ୍ଛ ଇନ୍ଧନ**
ଅଭିମୁଖେ ଭାରତର ପ୍ରତିବଦ୍ଧତାରେ ଏକ ଐତିହାସିକ ମୁହୂର୍ତ୍ତ

"...ପ୍ରାକୃତିକ ଗ୍ୟାସ୍ ପରବର୍ତ୍ତୀ ପିଢ଼ିର ଜୀବାସ୍ମ ଇନ୍ଧନ। ଏହା ସସ୍ତା ଏବଂ କମ୍ ପ୍ରଦୂଷଣକାରୀ । ଆମେ ଗ୍ୟାସ୍ ଆଧାରିତ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାକୁ ପ୍ରାଥମିକତା ଦେଉଛୁ..."

ଭିତ୍ତି ପ୍ରସ୍ତର ସ୍ଥାପନ
**ସହରି ଗ୍ୟାସ୍ ବିତରଣ ପ୍ରକଳ୍ପ (ସିଜିଡି)**
ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ ଅଧୀନରେ ୬୫ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୯ ଟି ଜିଲାରେ
ଏବଂ
ଶୁଭାରମ୍ଭ
**ଦଶମ ସିଜିଡି ନିଲାମ-ପ୍ରକ୍ରିୟା ପର୍ଯ୍ୟାୟ**
୫୦ଟି ଭୌଗୋଳିକ କ୍ଷେତ୍ର ଅନ୍ତର୍ଗତ ୧୨୪ଟି ଜିଲା ନିମନ୍ତେ

ସିଏନ୍‌ଜିର ସୁବିଧା
- ଶସ୍ତା ଇନ୍ଧନ
- ପରିବେଶ ଅନୁକୂଳ ଏବଂ ସ୍ୱଚ୍ଛ ଇନ୍ଧନ
- ଧୂଆଁ ହୀନ ଏବଂ ବାସ୍ତବରେ ଆଦୌ ଅଙ୍ଗାର ନିଷ୍କ୍ରୁତ
- କମ୍ ଅଙ୍ଗାର ଉପାଦାନ, ବାହନ ରକ୍ଷଣାବେକ୍ଷଣ ବାବଦରେ କମ୍ ଖର୍ଚ୍ଚ

ପିଏନ୍‌ଜିର ସୁବିଧା
- ସମ୍ପୂର୍ଣ୍ଣ ସୁରକ୍ଷିତ
- ଅତ୍ୟନ୍ତ ସୁବିଧାଜନକ
- ସ୍ୱଚ୍ଛ ପରିବେଶ
- ନିରବଚ୍ଛିନ୍ନ ଯୋଗାଣ
- ବ୍ୟବହାର ପରେ ଭୁଗତାନ




**ନରେନ୍ଦ୍ର ମୋଦି**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ଗରିମାମୟ ଉପସ୍ଥିତି
ଡ. ହର୍ଷ ବର୍ଦ୍ଧନ
କେନ୍ଦ୍ରମନ୍ତ୍ରୀ
ବିଜ୍ଞାନ ଓ ଶିଳ୍ପ ବିଜ୍ଞାନ, ଭୂବିଜ୍ଞାନ ଏବଂ ପର୍ଯ୍ୟାବରଣ ବନ ଓ ଜଳବାୟୁ ପରିବର୍ତ୍ତନ

ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ରମନ୍ତ୍ରୀ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା

**ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଏବଂ ନବମ ସହରି ଗ୍ୟାସ୍ ବିତରଣ ନିଲାମ-ପ୍ରକ୍ରିୟା ପର୍ଯ୍ୟାୟର ପ୍ରତିବଦ୍ଧ କାର୍ଯ୍ୟ ପାଇଁ ଓଡ଼ିଶାରେ କାର୍ଯ୍ୟକ୍ରମ**

| ଭୌଗୋଳିକ କ୍ଷେତ୍ରର ନାମ | ସ୍ୱୀକୃତିପ୍ରାପ୍ତ ସଂସ୍ଥାର ନାମ | ପିଏନ୍‌ଜି ସଂଯୋଗ (ଆନୁମାନିକ) | ସିଏନ୍‌ଜି ଷ୍ଟେସନ | ଇସ୍ପାତ ପାଇପଲାଇନ (ଇଞ୍ଚ-କିମି) |
|---|---|---|---|---|
| ଅନୁଗୋଳ ଏବଂ ଢେଙ୍କାନାଳ ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ | ୨୨,୬୦୦ | ୨୧ | ୧,୪୬୪ |
| ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୧,୦୦,୦୦୦ | ୨୦ | ୫୦୦ |
| ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲା | ଆଦାନି ଗ୍ୟାସ୍ ଲିମିଟେଡ୍ | ୧,୫୦,୪୦୦ | ୨୦ | ୫୦୬ |
| ବରଗଡ଼, ଦେବଗଡ଼ ଏବଂ ସମ୍ବଲପୁର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୩,୯୧୦ | ୧୧ | ୬୫୦ |
| ଗଞ୍ଜାମ, ନୟାଗଡ଼ ଏବଂ ପୁରୀ ଜିଲା | ଗେଲ୍ ଗ୍ୟାସ୍ ଲିମିଟେଡ୍ | ୫୧,୦୦୦ | ୧୫ | ୬୫୦ |
| ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା | ଭାରତ ଗ୍ୟାସ ରିସୋର୍ସ ଲିମିଟେଡ୍ | ୧୨,୫୫୦ | ୧୦ | ୭୯୧ |
| ଯାଜପୁର ଏବଂ କେନ୍ଦୁଝର ଜିଲା | ଭାରତ ଗ୍ୟାସ୍ ରିସୋର୍ସ ଲିମିଟେଡ୍ | ୧୮,୨୦୦ | ୧୯ | ୨,୪୪୨ |

୨୨ ନଭେମ୍ବର ୨୦୧୮, ଅପରାହ୍ନ ୪.୦୦ ଘଣ୍ଟା
ବିଜ୍ଞାନ ଭବନ, ନୂଆଦିଲ୍ଲୀ


#GiveItUp

## ସଂକ୍ଷେପରେ

### ଅଖଣ୍ଡ ନାମ ସଂକୀର୍ତ୍ତନ

**ରାୟଗଡା ଅଫିସ, ୨୧।୧୧:** ପଞ୍ଚୁକ ଉପଲକ୍ଷେ ରାୟଗଡା ସହର ଖେତାନାଞ୍ଜି ଡୋଟାସ୍ଥିତ ଶ୍ରୀ ରାଧାଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଉତ୍ସବ କମିଟି ପକ୍ଷରୁ ୨୪ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ମଙ୍ଗଳବାରରୁ ଆରମ୍ଭ ହୋଇଛି। ଏହା ଶନିବାର ପର୍ଯ୍ୟନ୍ତ ଚାଲିବ। ୨୦ତାରିଖରେ ଅଧିବାସ କରାଯାଇ ୨୧ତାରିଖ ବୁଧବାର ସକାଳ ୭ଟାରୁ ନାମ ସଂକୀର୍ତ୍ତନ ଆରମ୍ଭ କରାଯାଇଛି। ଚଳିତ ବର୍ଷ କଳାହାଣ୍ଡି ଜିଲା ସର୍ଗିଗୁଡା ଗ୍ରାମର ଉମାଶଙ୍କର ବଗର୍ତ୍ତି ଦଳ ସହ ବୋର୍ଡା, କାଣ୍ଡେଲ ଏବଂ ରାୟଗଡା ଜିଲାର କୋଲନରା, ଅମ୍ଳାଭଟ୍ଟା, ସିମଲିପାଲି, ଲେଲିବାଡି ଓ ରାୟଗଡା ସହରର ବାଙ୍କଚାହାଣୀ ଦଳ ସାମିଲ ହୋଇଛନ୍ତି। ପଞ୍ଚୁକ ଓ କାର୍ତ୍ତିକ ପୂର୍ଣ୍ଣିମାରେ ହବିଷିଆଳିଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ଓ ଉତ୍ସବ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା ମଧ କରାଯାଇଛି ବୋଲି ସଭାପତି ବସନ୍ତ କୁମାର ଜେନା କହିଛନ୍ତି। ସେହିପରି ରାୟଗଡା ସହରର ବାଲୁଙ୍କେଶ୍ୱର ମନ୍ଦିର ଓ ଇନ୍ଦିରା ନଗରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ମଧ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାମ ସଂକୀର୍ତ୍ତନ କରାଯାଉଛି।

### ୯ଦିନ ଚାଲିବ କାର୍ତ୍ତିକେଶ୍ୱର ପୂଜା

**ପାରଳାଖେମୁଣ୍ଡି, ୨୧।୧୧(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ବଡବ୍ରାହ୍ମଣ ସାହି ଛକରେ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୨୧ତମ ପୂଜା ଉତ୍ସବ ଚାଲିଛି। ଏଥିଲାଗି ୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସହରର ଏହି ସର୍ବ ପୁରାତନ ପୂଜା ମଣ୍ଡପରେ ଗତ ୧୫ ତାରିଖରୁ ପୂଜା ଉତ୍ସବ ଆରମ୍ଭ ହୋଇଛି। ଏହା ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ୯ ଦିନ ଧରି ହୋମ ଯଜ୍ଞ, ଅନ୍ନସେବା ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ସହ ଶେଷ ଦିନ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଠାକୁର ଦର୍ଶନ ପାଇଁ ସକାଳେ ଓ ସନ୍ଧ୍ୟାରେ ମଣ୍ଡପରେ ଭିଡ ଜମୁଛି। ସୁନିଲ କୁମାର ଅଧିକାରୀ, ମନୋଜ କୁମାର ସାହୁ, ଶରତ ପଣ୍ଡା, ଶୁଶାନ୍ତ ମହାରଣା, ରଘୁନାଥ ପଟ୍ଟନାୟକ, ସତ୍ୟନାରାୟଣ ପାଢୀ, କିରଣ ପାଳ, ପ୍ରମୋଦକୃଷ୍ଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ନଗର ବୁଲିଲା ସଂକୀର୍ତ୍ତନ ଦଳ



**ପାରଳାଖେମୁଣ୍ଡି, ୨୧।୧୧(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ରାଧାଗୋବିନ୍ଦ ଧାମ ପକ୍ଷରୁ କୃପାଳୁଜୀ ମହାରାଜଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ନାମ ସଂକୀର୍ତ୍ତନ ଦଳ ନଗର ପରିକ୍ରମା କରିଥିଲେ। ଏଥିରେ ବାଲ୍ ମୁକୁନ୍ଦ କେନ୍ଦ୍ରର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପରେ 'କୃପାଳୁ ଶିଶୁ ସାହିତ୍ୟ ଆସର' କାର୍ଯ୍ୟକ୍ରମକୁ ଶିଶୁ ପ୍ରଣତି ଚୌଧୁରୀ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ନିୟତି ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା ଓ ସମ୍ମାନିତ ଅତିଥି ଭାବେ ଆନନ୍ଦ ଶତପଥି ଯୋଗଦେଇ ସାହିତ୍ୟର ପରିଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନମିତା ଚୌଧୁରୀ ପରିଚାଳନା କରିବା ସହ ରାସପୂର୍ଣ୍ଣିମା ଉପଲକ୍ଷେ ଆସନ୍ତା ୨୩ତାରିଖରେ ଶିଶୁ ସାହିତ୍ୟ ଆସର ଆୟୋଜନ ହେବ ବୋଲି କହିଥିଲେ।

### ଛତୁ ଚାଷ ପ୍ରଶିକ୍ଷଣ



**ପାରଳାଖେମୁଣ୍ଡି,୨୧।୧୧(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ପରିସରରେ ମଙ୍ଗଳବାରଠାରୁ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅତିଥି ଭାବେ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍ସାଣ୍ଡି ଏବଂ ଓଡ଼ିଶା ଜିବୀକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ବିବେକ ରଞ୍ଜନ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୌରା ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ଶ୍ରୀଧର ସାହୁ ଉପସ୍ଥିତ ଥିଲେ। ଶିବିର ୧୦ଦିନ ଚାଲିବ। ଏଥିରେ ୨୭ଜଣ ବେରୋଜଗାରୀ ଯୋଗ ଦେଇଛନ୍ତି। କେନ୍ଦ୍ର ସଂଯୋଜକ ଦିଲ୍ଲୀପ ତନ୍ତୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।

# ଶୋ'ରୁମ ଶଟରରେ ଫାୟାରିଂ ହୋଲ

## ରାୟଗଡ଼ା ସହରରେ ଗୁଳିକାଣ୍ଡ ନେଇ ଆତଙ୍କ: ପାଟ୍ରୋଲିଂ କଡ଼ାକଡ଼ି ଦାବି

**ରାୟଗଡା ଅଫିସ, ୨୧।୧୧**

ରାୟଗଡା ସହରର ମୁଖ୍ୟ ବଜାର ତଥା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରେକମେଣ୍ଡ ରେଡିମେଡ୍ ଶୋ'ରୁମ ନାମକ ଲୁଗା ଦୋକାନ ଉପରକୁ ଗୁଳିମାଡ ହୋଇଛି। ଏହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସହରରେ ହେଉଥିବା ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବାବେଳେ ଗୁଳିମାଡ଼ ପୃଷ୍ଠଭୂମି ସମ୍ପର୍କରେ ବିଶେଷ ସ୍ପଷ୍ଟ ହୋଇନାହିଁ।

ଦୋକାନୀ ମାଲିକ ମୋହିତ ଆଶ୍ରାନୀ ମଙ୍ଗଳବାର ରାତି ୯ଟା ପରେ ଦୋକାନରେ ତାଲା ପକାଇ ଘରକୁ ଯାଇଥିଲେ। ବୁଧବାର ସକାଳ ୧୦ଟାରେ ସେ ଦୋକାନ ଖୋଲିବାବେଳେ ଶଟରରେ ଦୁଇଟି କଣା ଦେଖିଥିଲେ। ଦୋକାନ ଖୋଲିବା ପରେ ଭିତରେ ଥିବା କାଚରେ ମଧ କଣା ଦେଖି ଖୋଜାଖୋଜି କରିବା ପରେ ସେଠାରେ ଦୁଇଟି ଫୁଟା ଗୁଳି ପଡିଥିବା ଦେଖିଥିଲେ। ତାଙ୍କଠାରୁ ଖବରପାଇ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଗୁଳି ଦୁଇଟି ଜବତ କରିଥିଲେ। ଏହା ୭.୬୫ଏମ୍.ଏମ. ରିଭଲଭରର ଗୁଳି ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ସହରରେ ରାତ୍ରିକାଳୀନ ପାଟ୍ରୋଲିଂ ଚାଲିଥିବା ବେଳେ କେହି ଫାୟାରିଂ କରିବା ଓ ଏହା ପଛର କାରଣ କ'ଣ ତାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ବ୍ୟବସାୟୀ ସଂଘ ଦାବି କରିଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇ ନାହିଁ। ଏଏସ୍‌ପି ପତିତପାବନ ଚୌଧୁରୀ ମଧ ଘଟଣାସ୍ଥଳକୁଯାଇସ୍ଥିତିଅନୁଧ୍ୟାନକରିଛନ୍ତି।



ଗୁଳିମାଡ଼ରେ ଦୋକାନ କାଚ ଭାଙ୍ଗିଯାଇଛି।

**୨ ଗୁଳି ଜବତ କଲା ପୋଲିସ**



ଘଟଣାସ୍ଥଳରୁ ଜବତ ହୋଇଥିବା ଗୁଳି।

## ■ ରାଜ୍ୟସ୍ତରକୁ ୬ପ୍ରକଳ୍ପ ମନୋନୀତ

### ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ

**ରାୟଗଡା ଅଫିସ, ୨୧।୧୧**

ରାୟଗଡାରେ ଜିଲାସ୍ତରୀୟ ବିଜ୍ଞାନ ମେଳା ବୁଧବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ସରକାର ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାରଠାରୁ ଏହି ବିଜ୍ଞାନମେଳା ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଜିଆଇଇଟିର ତାନ୍‌ସେନ୍ କୁମାର, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆନାସ୍ତେଶିଆ କେରକେଟା, ମୁଖ୍ୟବକ୍ତା ଭାବେ ଦିଲ୍ଲୀପ କୁମାର ପଣ୍ଡା ଯୋଗଦେଇଥିଲେ। ଏଥିରେ ମୋଟ ୬ଟି ପ୍ରକଳ୍ପ ଚୟନ କରାଯାଇ ରାଜ୍ୟସ୍ତରକୁ ମନୋନୀତ କରାଯାଇଛି।

## ନବଜାତ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱ

**ରାମନାଗୁଡ଼ା,୨୧।୧୧(ଡି.ଏନ୍.ଏ.)**

ରାୟଗଡା ଜିଲା ରାମନାଗୁଡା ବ୍ଲକ ଅଧୀନ ମୁଣ୍ଡିଧରମୁଣୀ ଗ୍ରାମର ଗୁଗୁଡୁବାଲ ଉପସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରାଜସ୍ୱ ଗ୍ରାମ ଟାସ୍କିଠାରେ ନବଜାତ ଶିଶୁ ଯତ୍ନ ସମ୍ବନ୍ଧୀୟ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ନବଜାତ ଶିଶୁର ଯତ୍ନ ସପ୍ତାହ ଉପଲକ୍ଷେ ଏହି ବୈଠକ କରାଯାଇଛି। ଶିଶୁମାନଙ୍କ କିପରି ଯତ୍ନ ନିଆଯିବ ସେହି ବିଷୟରେ ବକ୍ତାମାନେ ମତ ରଖିଥିଲେ। ବିଶେଷକରି କମ୍ ଓଜନର ଶିଶୁଙ୍କୁ କିପରି ସ୍ୱତନ୍ତ୍ର ଯତ୍ନ ନିଆଯିବ ତା'ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରିଷ୍କାର ରହିବା ସହ ଶିଶୁଙ୍କୁ ଖାଇବାକୁ ଦେବା ଆଗରୁ ହାତ ଧୋଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଦସ୍ତଖତ ଅଭିଯାନ କରାଯାଇଥିଲା। ପିଏଚ୍‌ଇ ସଂଘମିତ୍ରା ମହାପାତ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ହରିହର ହାଲୁଆ, ଏଏନ୍‌ଏମ୍ ମଞ୍ଜୁଲତା ଗମାଙ୍ଗ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଜଗବନ୍ଧୁ ପାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଅଙ୍ଗନୱାଡି ଓ ଆଶାକର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅଙ୍ଗନୱାଡି ଓ ଆଶାକର୍ମୀଙ୍କ ସହ ପିଲାମାନେ।

## ■ ମୁସଲମାନ ସମ୍ପ୍ରଦାୟ ପାଳିଲେ ମହମ୍ମଦ ଜୟନ୍ତୀ

# ଶାନ୍ତି, ଭାଇଚାରା ସୃଷ୍ଟି ପାଇଁ ଆହ୍ୱାନ



ରାୟଗଡ଼ା ନୁରାନୀ ମସ୍‌ଜିଦ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।



ମୁନିଗୁଡାରେ ମୁସଲ୍‌ମାନ ଭାଇମାନେ ସହର ପରିକ୍ରମା କରୁଛନ୍ତି।

**ରାୟଗଡା ଅଫିସ୍,/ମୁନିଗୁଡା, ୨୧।୧୧ (ଡି.ଏନ୍.ଏ.)**

ରାୟଗଡା ସହରରେ ନୁରାନୀ ମସ୍‌ଜିଦ୍ ପକ୍ଷରୁ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ମସ୍‌ଜିଦ୍ ସଭାପତି ଜାଲିଲ ଖାନ୍, ସମ୍ପାଦକ ଜାକିର ହୁସେନ୍ ଓ ସେକ୍ ମେହବୁବ ଆଲୋନଙ୍କ ସମେତ ରାୟଗଡାର ଏକ ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ଭାଇ ମସ୍‌ଜିଦ୍ ପ୍ରାଙ୍ଗଣରୁ ବାହାରି ଭାଇଚାରାର ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସହର ପରିକ୍ରମା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇ ଶାନ୍ତି ଓ ଭାଇଚାରା ସୃଷ୍ଟି ନିମନ୍ତେ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା।

ସେହିପରି ମୁନିଗୁଡାରେ ମଧ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁନିଗୁଡା ମୁସଲିମ୍ ସଂଘ ସଭାପତି ଏମ୍‌ଡି ଆୟୁ୍ୟ ଓ ଶେଖ୍ ହାବିବ୍‌ଙ୍କ ମିଳିତ ନେତୃତ୍ୱରେ ଶତାଧିକ ମୁସଲିମ୍ ଭାଇମାନେ ଏକତ୍ରିତ ହୋଇ ସ୍ଥାନୀୟ ସାହିନ୍ ହୋଟେଲ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ମସ୍‌ଜିଦ୍‌ଠାରେ ପହଞ୍ଚି ଥିଲେ। ସେଠାରେ ସମସ୍ତେ ସାମୂହିକ ନମାଜ ପାଠ କରିଥିଲେ। ପରେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ସେହିପରି ମହିଳାମାନେ ମଧ ନିଜ ନିଜ ଘରେ ନମାଜ ପାଠ କରିଥିଲେ। ପରେ ମସ୍‌ଜିଦ୍‌ରେ ମୁଖ୍ୟ ହାଫିସା ଏମ୍‌ଡି ଜକାଉଲାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମୁସଲମାନ ସଂଘର କାରାମତ ହୁସେନ, ଏମ୍‌ଡି ୟାସିନ୍, ଅବଦୁଲ ରେହୋନ, ଶେଖ ସାତାର, ଶେଖ ନବୁ ଓ ଯୁବକ ସଂଘ ଏମ୍‌ଡି ଇମୁ, ଇମ୍‌ରାନ୍, ଶେଖ ଶାହାରୁଖ, ଶେଖ ନାସାଦ ପ୍ରମୁଖ ପରିଚାଳନା କରିଥିଲେ।

## ସତ୍ୟସାଇ ଜୟନ୍ତୀ

**ଅମ୍ବାଦଳା,୨୧।୧୧(ଡି.ଏନ୍.ଏ.)**

ଅମ୍ବାଦଳା ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମ ଦିବସ ବୁଧବାର ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଛି। ଏହି ଅବସରରେ ସାମୁହିକ ସତ୍ୟନାରାୟଣ ବ୍ରତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁନିଗୁଡ଼ା, ବିଷମକଟକ, ଦୁର୍ଗି, ବାଲିଯୋଡ଼ି, ଅମ୍ବାଦଳା, ଲାଞ୍ଜିଗଡ଼ ଅଞ୍ଚଳର ପ୍ରାୟ ୯୪ ଜଣ ଦମ୍ପତ୍ତି ପୂଜା ଓ ହୋମ କାର୍ଯ୍ୟରେ ସାମିଲ ହୋଇଥିଲେ। ସତ୍ୟସାଇ ସେବା ସମିତିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ସତ୍ୟସାଇ ସେବା ସମିତିର ଚନ୍ଦ୍ରଶେଖର ପାତ୍ରଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ମିଶ୍ର ପୁରୋହିତ ଦାୟିତ୍ୱ ତୁଲାଇ ଥିଲେ।

## ଶିକ୍ଷକ-ଅଭିଭାବକ ସମ୍ମିଳନୀ

**ଟିକିରି, ୨୧।୧୧(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅଧୀନ ଉପରକୋଡିଙ୍ଗା ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଈଶ୍ୱର ଝୋଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସରପଞ୍ଚ ସୁଭଦ୍ରା ମାଝିଙ୍କ ସହ କମିଟି ସଭ୍ୟ ସୀମାଞ୍ଚଳ ସାହୁ, ସୁନୀଲ ଖରା, ପରଦେଶୀ ମାଝି, ରାନୁ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ପ୍ରଶନ୍ନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପିଲାମାନଙ୍କୁ ନିୟମିତ ପଠାଇବାକୁ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷକ କାଶୀନାଥ ସାହୁ, ଯୋଗେଶ୍ୱର ଶବର, ଲକ୍ଷ୍ମଣ ଶବର, ସୁକାନ୍ତ ମମହାକୁଡ, ସୁଦର୍ଶନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବ୍ୟଦର୍ଶନ ସଂଘର ବିଶ୍ୱଶାନ୍ତି ଯଜ୍ଞ

**ରାୟଗଡା ଅଫିସ୍, ୨୧।୧୧**

ପଞ୍ଚୁକ ଅବସରରେ ଦିବ୍ୟ ଦର୍ଶନ ସଂଘ ରାୟଗଡା ଶାଖା ପକ୍ଷରୁ ବିଶ୍ୱଶାନ୍ତି ଜ୍ଞାନ ଯଜ୍ଞର ଆୟୋଜନ କରାଯାଇଛି । ଏହା ୫ଦିନ ବ୍ୟାପି ଚାଲିବ। ଏହି ଜ୍ଞାନ ଯଜ୍ଞ ଅଧିବେଶନରେ ସତ୍ୟ, ସନାତନ ଧର୍ମ, ମଣିଷ ଜୀବନର ଲକ୍ଷ୍ୟ, କର୍ତ୍ତବ୍ୟ, ଭଗବାନଙ୍କ ପରିଚୟ, ଅବଦନା ଓ ମହାନତା ସମ୍ବନ୍ଧରେ କେନ୍ଦ୍ରୀୟ କମିଟିର ବରିଷ୍ଠ ଗୁରୁଭାଇମାନେ ଆଲୋଚନା କରିବେ। ଏଥିରେ ସମ୍ପାଦକ କେଶବ ସେଠୀ, ଉପସଭାପତି ରବିନ୍ଦ୍ରନାଥ ମହାନ୍ତି, ସୁନାରାମ ମାଝୀ, ବିଶ୍ୱନାଥ ପ୍ରଧାନ, ଶିବରାଜ ରାୟ, କେ.ଉମା ମହେଶ୍ୱରୀ ପ୍ରମୁଖ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରବଚନ କାର୍ଯ୍ୟକ୍ରମ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।



ଦିବ୍ୟଦର୍ଶନ ସଂଘ ପକ୍ଷରୁ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମ।

## ଓଲଟିଲା କାଠ ବୋଝେଇ ଟ୍ରକ୍

**ରାୟଗଡା ଅଫିସ, ୨୧।୧୧**



ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଆନ୍ଧ୍ରରୁ ଜେକେ କାଗଜ କଳକୁ ଯାଉଥିବା ଏକ କାଠ ବୋଝେଇ ଟ୍ରକ(ଏପି-୩୧ଟିୟୁ-୨୬୭୮) ସ୍ଥାନୀୟ କପିଳାସ ଛକଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଟ୍ରକ ଡ୍ରାଇଭର ସୁରକ୍ଷିତ ଅଛନ୍ତି। ପରେ ଘଟଣାସ୍ଥଳରୁ ଗୋଟିଏ ଜେସିବି ମେଶିନ ଦ୍ୱାରା ଟ୍ରକ ଓ କାଠଗୁଡିକକୁ ରାସ୍ତାରୁ ହଟାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ଟ୍ରକଟି ଯାଉଥିବା ବେଳେ ଏକ ବାଇକ ଏହି ରାସ୍ତାରେ ଦ୍ରୁତଗତିରେ ଯାଉଥିଲା। ବାଇକ୍‌କୁ ସାଇଟ୍ ଦେବାବେଳେ ଟ୍ରକଟି ଭାରସାମ୍ୟ ହରାଇ ଓଲଟି ଯାଇଥିଲା।

## ପଞ୍ଚବଟି ଭାଗବତ ପୀଠ କର୍ମକର୍ତ୍ତା ଚୟନ

**ପାରଳାଖେମୁଣ୍ଡି, ୨୧।୧୧(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସହରସ୍ଥ ଉତ୍କଳ ହିତୈଷିଣୀ ସମାଜ ପରିସରରେ ପଞ୍ଚବଟି ଭାଗବତ ପୀଠର ବିକାଶ ନିମନ୍ତେ କର୍ମକର୍ତ୍ତା ଚୟନ କରାଯାଇଛି। ସେମାନେ ହେଲେ ସଭାପତି ଭାବେ ମହନ୍ତ ମହାରାଜ (କେରାଣ୍ଡି), କାର୍ଯ୍ୟକାରୀ ସଭାପତି ତ୍ରିପତି ଶତପଥି, ଉପସଭାପତି ଉଦୟ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ରବିନାରାୟଣ ପାଠୀ, କାର୍ଯ୍ୟକାରୀ ସମ୍ପାଦକ ବିନୋଦ ବିହାରୀ ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବେ ରାମେଶ୍ୱର ପାଣିଗ୍ରାହୀଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା ମଣ୍ଡଳୀରେ ତ୍ରିନାଥ ଶଥପଥି, ପ୍ରକାଶ କୁମାର ପାତ୍ର ଓ ବିନୋଦ ଚନ୍ଦ୍ର ଜେନା ପ୍ରମୁଖ ରହିଛନ୍ତି।

# ଓଡ଼ିଆ ଭାଷାକୁ ରେଳ ବିଭାଗର ଉପେକ୍ଷା

**କାଶୀନଗର, ୨୧।୧୧(ଡି.ଏନ.ଏ.)**

ଭାରତୀୟ ରେଳ ବିଭାଗର ଦକ୍ଷିଣ- ପୂର୍ବ ଜୋନ୍‌ରେ ଓଡ଼ିଶାର କେତେକ ଷ୍ଟେଶନରେ ଓଡ଼ିଆ ଭାଷାରେ ସୂଚନାଫଳକ ଲେଖାଯାଇନାହିଁ। ଏଥିଯୋଗୁ ଆଞ୍ଚଳିକ ଭାଷାକୁ ରେଳ ବିଭାଗ ଉପେକ୍ଷା କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଗଜପତି ଜିଲା କାଶୀନଗର ଷ୍ଟେଶନ ଓଡ଼ିଶା ଅନ୍ତର୍ଗତ ଅଞ୍ଚଳ ହୋଇଥିଲେ ମଧ ଏଠାକାର ଫଳକରେ ଓଡ଼ିଆ ଭାଷା ବ୍ୟବହାର କରାଯାଇନାହିଁ। ଏହି ଷ୍ଟେଶନ ସୂଚନାଫଳକରେ ତେଲୁଗୁ, ହିନ୍ଦି ଓ ଇଂଲିଶ ଭାଷାରେ ଲେଖାଯାଇଥିବା ଦେଖିବାକୁ ମିଳିଛି। ରେଳ ବିଭାଗର ନିୟମ ଅନୁଯାୟୀ ଆଞ୍ଚଳିକ ଭାଷାରେ ଷ୍ଟେଶନ ଗୁଡ଼ିକରେ ସୂଚନା ଫଳକ ଲେଖାଯିବା କଥା। ମାତ୍ର ଏଠାରେ ତା'ର ବ୍ୟତିକ୍ରମ ଘଟିଛି। ଏହା ଓଡ଼ିଆ ଭାଷାପ୍ରେମୀଙ୍କୁ ବ୍ୟଥିତ କରିଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।




କାଶୀନଗର ଷ୍ଟେଶନ ଫାଟକ ନିକଟରେ ଲାଗିଥିବା ସୂଚନାଫଳକ।

# ବାତ୍ୟାର ୧ମାସ ବିତିଲା: ବଦଳିନି କେରାଣ୍ଡି ଗାଁ ଚିତ୍ର

**ପାରଳାଖେମୁଣ୍ଡି, ୨୧।୧୧(ସ୍ୱ.ପ୍ର.)**

ତିତ୍‌ଲି ବାତ୍ୟାରେ ଗଜପତି ଜିଲା ରାୟଗଡ ବ୍ଲକ କେରାଣ୍ଡି ପଞ୍ଚାୟତର କେରାଣ୍ଡି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଗ୍ରାମର ୨୫ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଯାଇଥିବାବେଳେ ଫସଲହାନୀ ସାଙ୍ଗକୁ ରାସ୍ତାଘାଟ, ବିଦ୍ୟୁତ ଖୁଣ୍ଟ ଆଦି କ୍ଷତିଗ୍ରସ୍ତ ହୋଇଥିଲା। ଇତିମଧ୍ୟରେ ବାତ୍ୟାକୁ ୧ମାସରୁ ଉର୍ଦ୍ଧ୍ୱ ସମୟ ବିତିଲାଣି। ମାତ୍ର ଏବେ ବି ଗ୍ରାମର ଚିତ୍ର ବଦଳି ନାହିଁ। ଅନେକ ବାସହୀନ ପରିବାର ଖୋଲା ଆକାଶ ତଳେ ଶୀତ କାକରରେ ରାତି ବିତାଉଥିବା ଦେଖିବାକୁ ମିଳିଛି।

କେରାଣ୍ଡି ଗ୍ରାମରେ ୫୭ ପରିବାର ବାସ କରୁଥିବାବେଳେ ଗାଁକୁ ପକ୍କା ରାସ୍ତା ନାହିଁ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଆଦି ମୌଳିକ ସମସ୍ୟା ଲାଗିରହିଛି। ସ୍ୱାସ୍ଥ୍ୟସେବା ପାଇଁ ସ୍ଥାନୀୟ କଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡ଼େ। କଇଁପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ୭କିମି ଓ ରାୟଗଡ ବ୍ଲକ ସଦରସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୪୦କିମି ଯିବାକୁ ପଡୁଛି। କେରାଣ୍ଡି-କଇଁପୁର ରାସ୍ତା ନିର୍ମାଣ ହେଲେ କେରାଣ୍ଡି ସମେତ ବତଦା, ଜକରା, ଏଲାସର କୋଲନୀ, ଏଙ୍ଗାରସିଂ ଗ୍ରାମର ଲୋକେ ଉପକୃତ ହେବେ। ବାତ୍ୟାରେ କେରାଣ୍ଡି ଗ୍ରାମରେ ୨୫ରୁ ଉର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଥିଲା। ବିପନ୍ନମାନଙ୍କୁ କେବଳ ୫୦କେଜି ଚାଉଳ, ଏକହଜାର ଟଙ୍କା ଏବଂ ପରେ ୧୨କେଜି ଚାଉଳ, ପଲିଥିନ୍ ଓ ବିସ୍କୁଟ ଇତ୍ୟାଦି ମିଳିଛି । ସରକାର ଘୋଷଣା କରିଥିବା ୧୫ଦିନର ଖର୍ଚ୍ଚବାର୍ଚ୍ଚ ବାବଦ ୩ହଜାର ଟଙ୍କା ମିଳିନାହିଁ। ରାଜସ୍ୱ ନିରୀକ୍ଷକ କହିଛନ୍ତି ସମସ୍ତ ପରିବାରର ବ୍ୟାଙ୍କ ଜମାଖାତାକୁ ଟଙ୍କା ଆସିବ। ସେହିପରି ବାତ୍ୟା ପରବର୍ତ୍ତୀ ସହାୟତା ରାଶି ସମ୍ପର୍କରେ ଆଇସିଡିଏସ୍ ସୁପରଭାଇଜର ଲତିକା ପୂଜାରୀ କହିଛନ୍ତି ଯେ, ପରିବାରର ୧୨ବର୍ଷରୁ କମ୍ ଶିଶୁଙ୍କୁ ୪୫ଟଙ୍କା ଏବଂ ୧୨ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ୬୦ଟଙ୍କା ହିସାବରେ ୧୫ଦିନ ପାଇଁ ସହାୟତା ସେମାନଙ୍କ ବ୍ୟାଙ୍କ ଖାତାରେ ଜମାକରି ଦିଆଯାଇଛି। ଅନ୍ୟପକ୍ଷେ ଗ୍ରାମବାସୀ ସହାୟତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ସମସ୍ତ ତଥ୍ୟ ସରକାରଙ୍କୁ ଦିଆଯାଇଥିବା ନାଏବ ସରପଞ୍ଚ ପ୍ରମିଳା ଶବର କହିଛନ୍ତି। ପ୍ରଶାସନ ତୁରନ୍ତ ବାସଗୃହ ଓ ସହାୟତା ଯୋଗାଇବା ସହ ମୌଳିକ ସମସ୍ୟା ଦୂର ଲାଗି ପଦକ୍ଷେପ ନେବାକୁ ଆନନ୍ଦ ଶବର, ମୋହନ ଶବର, ସତ୍ୟ ଶବର, ରାମମୂର୍ତ୍ତି ଶବର, କାମେଶ୍ୱୁ ଶବର, ଡାଳିମ୍ବା ଶବର, ବାଳକୃଷ୍ଣ ଶବର ପ୍ରମୁଖ ନିବେଦନ କରିଛନ୍ତି। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତଥା ରିଲିଫ ଦାୟିତ୍ୱରେ ଥିବା ଅରୁଣ କୁମାର ତ୍ରିପାଠୀଙ୍କୁ ପଚାରିବାରେ କହିଛନ୍ତି ଯେ, କିଛି ଗ୍ରାମବାସୀଙ୍କ ବ୍ୟାଙ୍କଖାତାରେ ତ୍ରୁଟି ରହିଥିବାରୁ ୧୫ଦିନ ପାଇଁ ଦିଆଯାଇଥିବା ସରକାରୀ କ୍ଷତିପୂରଣ ରାଶି ପହଞ୍ଚି ପାରି ନ ଥିବ। ମାତ୍ର ସେଗୁଡିକୁ ପୁନର୍ବାର ସର୍ଭେ କରାଯାଇ ପହଞ୍ଚାଇବା ବ୍ୟବସ୍ଥା କରାଯିବ।



କେରାଣ୍ଡି ଗ୍ରାମର ବାସିନ୍ଦା।



ବାଳକୃଷ୍ଣ ଶବର



କୈଳାସ ଚନ୍ଦ୍ର ଭୂୟାଁ



କାମସୁ ଶବର



ଲଳିତା ପୂଜାରୀ



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡିଏ। - ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ଜାତୀୟ ଆଥଲେଟିକ୍ସରେ ଡିପିଏସ୍‌କୁ ରୌପ୍ୟ

**ଦାମନଯୋଡ଼ି,୨୧।୧୧(ଡି.ଏନ୍.ଏ.):** ନୂଆଦିଲ୍ଲୀର ଡିପିଏସ୍ ସୋସାଇଟି ପକ୍ଷରୁ ହରିଦ୍ୱାରର ରାଣୀପୁର ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ବାଳକ ବିଭାଗ ୧୪ ବର୍ଷରୁ କମ୍ ଜାତୀୟସ୍ତର ଆଥଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନଭେମ୍ବର ୧୬ ଓ ୧୭ ତାରିଖ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ୫୩ଟି ଦଳ ଭାଗ ନେଇଥିଲେ। ଦାମନଯୋଡ଼ିର ଦିଲ୍ଲୀ ପବ୍ଲିକ ସ୍କୁଲ ଛାତ୍ର ଆଶିଷ କୁମାର ସାହୁ ଡିସ୍କସ୍ ଥ୍ରୋରେ ରୌପ୍ୟ ଓ ସଟ୍‌ପୁଟ୍‌ରେ ୪ର୍ଥ ସ୍ଥାନରେ ରହିଥିଲେ। ଅରୋଦୀପ ସାହୁ, ଅଂଶ ପ୍ରଧାନ, ଜ୍ୟୋତିପ୍ରକାଶ ଖରା ଓ ଚୁଲବୁଲି ଦିବ୍ୟାଂଶୁ ଦାସ ମଧ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ସାମଗ୍ରିକ ଭାବେ ଦାମନଯୋଡ଼ି ଡିପିଏସ୍ ୮ମ ସ୍ଥାନ ହାସଲ କରିଛି। କୋଚ୍ ନବକିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ସଫଳତା ପାଇବା ପରେ ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସ, ବରିଷ୍ଠ ଶାରୀରିକ ପ୍ରଶିକ୍ଷିକା ଅଞ୍ଜନା ମହାପାତ୍ର ପ୍ରମୁଖଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଟ୍ରକ୍‌ରୁ ଟଙ୍କା ଲୁଟ୍ ଘଟଣା, ଜଣେ ଗିରଫ

**ଜୟପୁର,୨୧।୧୧(ନି.ପ୍ର./ଡି.ଏନ୍.ଏ.):** ମକା ବୋଝେଇ ଟ୍ରକରୁ ଟଙ୍କା ଲୁଟ୍ ମାମଲାରେ ଜୟପୁର ସଦର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲା ବରିଗୁଡ଼ା ଗ୍ରାମର ଶାନ୍ତିରାଜ ଗରଡ଼ା (୨୧)। ଗତ ବର୍ଷ ୨୭ ନଭେମ୍ବର ନବରଙ୍ଗପୁରରୁ ୨ଟି ଟ୍ରକ୍ ମକା ନେଇ ଆନ୍ଧ୍ର ଯାଉଥିବା ବେଳେ ଜୟପୁର ସଦର ଥାନା ଉମୁରି ନିକଟରେ ଦୁର୍ବୃତ୍ତମାନେ ଗାଡ଼ି ଅଟକାଇ ୨୧ ହଜାର ଟଙ୍କା ଲୁଟିଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଡକାୟତି ମାମଲା ରୁଜୁ କରି ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିଲା। ୧୨ ଜଣଙ୍କ ନାଁରେ ଡକାୟତି ମାମଲା ରହିଥିବା ସଦର ଥାନା ଅଧିକାରୀ କୈଳାସ ସେଠୀ କହିଛନ୍ତି।

### ପଞ୍ଚୁକ ପାଇଁ ବନବାସୀ କ୍ଷେତ୍ର ଚଳଚଞ୍ଚଳ



**କୋଲାବନଗର,୨୧।୧୧(ଡି.ଏନ୍.ଏ.):** ସ୍ଥାନୀୟ ବନବାସୀ କ୍ଷେତ୍ର ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ଶେଷ ସୋମବାରଠାରୁ ହବିଷିଆଳିଙ୍କ ଭିଡ଼ ଜମୁଛି। ପ୍ରତିଦିନ ପ୍ରାତଃ ମଙ୍ଗଳ ଆଳତିରୁ ସନ୍ଧ୍ୟା ୬ଟାରେ ଶ୍ରୀଜୀଉଙ୍କ ଆଳତୀ ଶେଷ ପରେ ପବିତ୍ର ଆକାଶଦୀପ ଉଠିବା ଦୃଶ୍ୟ ଉପଭୋଗ କରୁଛନ୍ତି ଶ୍ରଦ୍ଧାଳୁ। ଲକ୍ଷ୍ମୀନାରାୟଣ ଦୋଳି ନିକଟରେ ୩୦ ଜଣ ଗୃହିଣୀ ଝାଞ୍ଜ, ମୃଦଙ୍ଗ ବଜାଇ ନାମ ସଙ୍କୀର୍ତ୍ତନ କରୁଛନ୍ତି। ଶ୍ରୀମନ୍ଦିର ନାମ କୀର୍ତ୍ତନ ମୁଖିଆ ନିରଞ୍ଜନ ଦାସଙ୍କ କୀର୍ତ୍ତନମଣ୍ଡଳୀ ସବୁଦିନ ନାମ କୀର୍ତ୍ତନରେ ନଗର ପରିକ୍ରମା କରୁଛନ୍ତି। ପୂର୍ଣ୍ଣିମା ଦିନ ଅଷ୍ଟପ୍ରହର ଓ ଅନ୍ନଯଜ୍ଞ ହେବ।

■ ଡିସେମ୍ବର ପ୍ରଥମ ସପ୍ତାହରୁ ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ

# ୩୧ ମଣ୍ଡିରୁ କିଣାଯିବ ୪୦ ହଜାର କୁଇଣ୍ଟାଲ

**କୋରାପୁଟ,୨୧।୧୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲାରେ ପ୍ରଥମ କରି ଚାଷୀଙ୍କଠାରୁ ମଣ୍ଡି ଦ୍ୱାରା ମାଣ୍ଡିଆ ସଂଗ୍ରହ କରାଯିବ। ସ୍ଥାନୀୟ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ବୁଧବାର କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ରବି ଋତୁରେ ପ୍ରଥମ ଥର ପାଇଁ ମାଣ୍ଡିଆ ସଂଗ୍ରହ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଡିସେମ୍ବର ପ୍ରଥମ ସପ୍ତାହରୁ ଜିଲାର ୨୦ଟି ଲ୍ୟାମ୍ପ ସହ ବିଏମ୍ ଟିଡିସିସି ଏପରିକି ସମୁଦାୟ ୩୧ଟି ସ୍ଥାନରେ ମଣ୍ଡି କରାଯିବ। ଚଳିତ ବର୍ଷ ଜିଲାରୁ ମୋଟ ୪୦ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ହେବ। ଏଥିପାଇଁ ଏଯାବତ୍ ଜିଲାର ୭ ହଜାର ୨୪୮ ଜଣ ଚାଷୀ ପଞ୍ଜୀକୃତ ହେଲେଣି। ରାଜ୍ୟ ମାଣ୍ଡିଆ ମିଶନ ଜିଲାର ଜୟପୁର, କୋଟପାଡ଼, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ୟତୀତ ଅନ୍ୟ ୧୦ଟି ବ୍ଲକରେ ଏହା କାର୍ଯ୍ୟକାରୀ କରୁଛି। ଏହି ମିଶନ ଜରିଆରେ କେଜି ପ୍ରତି ୨୮ ଟଙ୍କା ୯୭ ପଇସା ହିସାବରେ ପ୍ରତି ଚାଷୀଙ୍କଠାରୁ ୧ କୁଇଣ୍ଟାଲ ୨୦ କେଜି ମାଣ୍ଡିଆ ସଂଗ୍ରହ କରିବା ପାଇଁ ସରକାର ନିୟମ ରଖିଛନ୍ତି। ବୈଠକରେ ଜିଲା କୃଷି ଉପନିର୍ଦ୍ଦେଶକ ପ୍ରଦୀପ ମହାନ୍ତି, କୋରାପୁଟ ଉପଜିଲାପାଳ ଲଳିତ କହଁର, ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, ଜୟପୁର ଆଇଟିଡିଏ ପିଏ, ଡିଆରସିଏସ୍, ଏଆରସିଏସ୍, ୱାସନ ସଂସ୍ଥାର ସଂଯୋଜକଙ୍କ ସମେତ ଜିଲାର ସମସ୍ତ ଲ୍ୟାମ୍ପର ଏମ୍‌ଡି ଓ କୃଷି ଅଧିକାରୀ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

■ କୋରାପୁଟ ମେଡିକାଲ କଲେଜ ଓ ହସ୍‌ପିଟାଲ

# ଅସ୍ତ୍ରୋପଚାର କକ୍ଷରେ ତାଲା

**କୋରାପୁଟ,୨୧।୧୧(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର କ୍ଷୁଦ୍ର ଅସ୍ତ୍ରୋପଚାର କକ୍ଷରେ ତାଲା ପଡିଥିବାରୁ ଦୂରଦୂରାନ୍ତରୁ ଏଠାକୁ ଆସୁଥିବା ରୋଗୀ ସମସ୍ୟା ଭୋଗୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏଠାରୁ ଷ୍ଟାଫ୍ ନର୍ସ, ସହାୟକ ଓ ସୁଇପରଙ୍କ ଭଳି ୨୮ ଜଣ କର୍ମଚାରୀଙ୍କୁ ଜୟପୁରକୁ ବଦଳି କରିଥିବାରୁ ଏପରି ଅସୁବିଧା ହୋଇଛି। ଏଠାରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ କିପରି ବଦଳି କଲେ, ତାହା ଏବେ ଚିନ୍ତାର କାରଣ ପାଲଟିଛି। ବୁଧବାର ସକାଳୁ କେତେକ ରୋଗୀଙ୍କ ସଂପର୍କୀୟ ପି.ଏନ୍. ଦାସ ହସପିଟାଲର କ୍ଷୁଦ୍ର ଅସ୍ତ୍ରୋପଚାର ଗୃହକୁ ଆସି ତାଲା ପଡ଼ିଥିବା ଦେଖିଥିଲେ। ଏନେଇ ହସପିଟାଲ ଅଧୀକ୍ଷକ କ୍ଷେତ୍ରବାସୀ ସୁବୁଦ୍ଧିଙ୍କୁ ଅବଗତ କରାଯିବା ପରେ ସେ କିଛି କହିବାକୁ ମନା କରିଦେବା ସହ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କହିଥିଲେ। କ୍ଷୁଦ୍ର ଓଟି ବନ୍ଦ ଥିବାରୁ ଏଠାକୁ ଡ୍ରେସିଂ କରିବାକୁ ଆସି ଅସୁବିଧା ଭୋଗିଥିବା କହିଛନ୍ତି ରୋଗୀ ପାମି କୁମାରୀ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା



ଜନପରାମର୍ଶ ପଦଯାତ୍ରାରେ ଭାଜପାର ନେତା ଓ କର୍ମୀମାନେ।

**କୋରାପୁଟ,୨୧।୧୧(ସ୍ୱ.ପ୍ର.)**

ଜିଲା ଭାଜପା ବୁଧବାର କୋରାପୁଟର ମସ୍ତିପୁଟରେ 'ମୋର ଆଶା ନୂଆ ଓଡ଼ିଶା' ଜନ ପରାମର୍ଶ ପଦଯାତ୍ରାର ଶୁଭାରମ୍ଭ କରିଛି। ଜିଲା ସଭାପତି ବିଜୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦଯାତ୍ରା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ମସ୍ତିପୁଟର ୨୦ ଓ ମହାଦେଇପୁଟ ପଞ୍ଚାୟତର ୨୨ଟି ଗ୍ରାମ ପରିଦର୍ଶନ କରି ରାଜ୍ୟ ସରକାରଙ୍କ ୧୮ ବର୍ଷ ଶାସନର ବିଫଳତା ଓ କେନ୍ଦ୍ରର ୪ ବର୍ଷର ଶାସନର ସଫଳତାକୁ ନେଇ ଭୋଟରଙ୍କୁ ସଚେତନ କରିବ। ଶୋଭାଯାତ୍ରାରେ ଜିଲା ଉପସଭାପତି ପୂର୍ଣ୍ଣିମା ନାୟକ, ନଗର ସଭାପତି ଜି. ସଞ୍ଜୀବ ରାଓ, ସନ୍ତୋଷ ଦାସ, ଅଶ୍ୱିନୀ ସାହୁ, ଅକ୍ଷୟ ସାହୁ, କମଳଲୋଚନ ମାଛ, ରମେଶ ପାତ୍ର ଉପସ୍ଥିତ ଥିଲେ।




କୁନ୍ଦୁରାସ୍ଥିତ ପ୍ରାଥମିକ ବିଦ୍ୟାଳୟର କାନ୍ଥରେ ବସ୍ ଚିତ୍ରିତ ହୋଇଛି।

■ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ନୂଆ ବାଟ

# ସ୍କୁଲକାନ୍ଥରେ ସରକାରୀ ବସ୍‌ର ଭ୍ରମ

**କୁନ୍ଦୁରା,୨୧।୧୧ (ଡି.ଏନ୍.ଏ.)**

କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ଏବେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ବସ୍‌ର ମଜା ପାଇବେ ପିଲା। ଆଦିବାସୀ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା ପାଇଁ ଏଭଳି ଯୋଜନା ହୋଇଛି। ସେହି କ୍ରମରେ ସ୍କୁଲ କାନ୍ଥରେ ଚିତ୍ରିତ ହୋଇଛି ସରକାରୀ ବସ୍। ଦୂରକୁ ଏହା ଏକ ବସ୍ ଛିଡ଼ା ହୋଇଥିବାର ଭ୍ରମ ସୃଷ୍ଟି କରୁଛି। ସେହିପରି ଅନ୍ୟ ୨ଟି କୋଠରିରେ ସ୍ୱଚ୍ଛ ଭାରତ ଅଭିଯାନ ଓ ହାତଧୁଆ ସଚେତନତାର ଚିତ୍ର ଅଙ୍କାଯାଇଛି ଯାହା ପିଲାଙ୍କୁ ବେଶ୍ କୌତୁକିଆ ଲାଗୁଛି। ବିଦ୍ୟାଳୟ ନବୀକରଣ ଦାୟିତ୍ୱରେ ଥିବା ଠିକାଦାର ଧରିତ୍ରୀ ମଲ୍ଲିକ ଓ ବବୁନ କଳାପାହାଡ଼ କହିଛନ୍ତି, ବିଡିଓ ଶ୍ୱେତସ୍ନିଗ୍ଧା ପ୍ରଧାନ ଏବଂ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ କ୍ରମେ ସ୍କୁଲକୁ ଏଭଳି ଚିତ୍ରିତ କରାଯାଉଛି। ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାନ୍ଥରେ ଏହି ସବୁ ଅବିକଳ ଓ ଜୀବନ୍ତ ଚିତ୍ର ତିଆରି କରାଯାଉଛି। କୁନ୍ଦୁରା ଗ୍ରାମର ଚିତ୍ରକାର ନାରାୟଣ ମହାରଣା ଓ କୃଷ୍ଣ ଗୌଡ଼ ଏହାକୁ ଆଙ୍କିଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

**କୋରାପୁଟ,୨୧।୧୧(ସ୍ୱ.ପ୍ର.):**

ବାଇକ୍ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବୁଧବାର ଲମତାପୁଟ ବ୍ଲକ ବାଇରିଗୁଡ଼ାର ସୁନା ପାଙ୍ଗି ଓ ପରେଶ ପାଙ୍ଗି ସେମିଳିଗୁଡ଼ାରୁ ଗାଁକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ସେମାନଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତ ସୁନା ଓ ପରେଶଙ୍କୁ ଆମ୍ବୁଲାନ୍ସରେ କୋରାପୁଟ ମେଡିକାଲ ନିଆଯାଇଥିଲା। ସୁନାଙ୍କ ଅବସ୍ଥା ଗୁରୁତର ରହିଛି।

## ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା

**କୋରାପୁଟ,୨୧।୧୧(ସ୍ୱ.ପ୍ର.)**

କୋରାପୁଟରେ ମହମ୍ମଦ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବୁଧବାର ସକାଳୁ ସ୍ଥାନୀୟ ମସଜିଦଠାରେ ସହରର ସୁନ୍ନି ମୁସଲିମ ସଂପ୍ରଦାୟର ଭାଇମାନେ ଏକତ୍ରିତ ହୋଇ ନମାଜ ପଢ଼ିଥିଲେ। ଏହାପରେ ସେଠାରୁ ଦୁଇଟି କଳାଘୋଡ଼ା ସହ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ଶତାଧିକ ମୁସଲିମ ଭାଇ ସାମିଲ ହୋଇଥିବା ବେଳେ ରାସ୍ତାର ଉଭୟ କଡ଼ରେ ଥିବା ଲୋକଙ୍କୁ ମିଠା ଓ ପଣା ଦିଆଯାଇଥିଲା। କୋରାପୁଟ ସୁନ୍ନି ମୁସଲିମ ଆସୋସିଏସନର ସଭାପତି ଏସ୍.କେ. ରୋଶନ, ସଂପାଦକ ଅଲ୍ଲି ସେକ, ଉପସଭାପତି ସେକ ମଦିନା, ଯୁଗ୍ମ ସଂପାଦକ ଅନୱର ଅଲ୍ଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାହାଡ଼ ଚଢ଼ା ପ୍ରତିଯୋଗିତା



ପାହାଡ଼ଚଢା ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

**ଜୟପୁର,୨୧।୧୧(ନି.ପ୍ର.)**

ଜୟପୁର ନିକଟସ୍ଥ ପେଟାଘାଟି ଛକରୁ ଲମତାପୁଟ ରାସ୍ତାରେ ଥିବା ମଧୁବନ ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପାହାଡ଼ ଚଢ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଚାରକ ଭାବେ ସ୍ୱାସ୍ଥ୍ୟ ପ୍ରଶିକ୍ଷକ ନିରଞ୍ଜନ ଦାଶ, ସୁଭାଷ ଚନ୍ଦ୍ର ମିଶ୍ର, ଏଦ୍ୱିଜା ନିଶା ବେଗମ ଯୋଗ ଦେଇଥିଲେ। ତରୁଣ ପ୍ରଜ୍ଞା ଭାରତୀର ଅଧକ୍ଷ ଗଙ୍ଗାଧର ନନ୍ଦ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ଏଥିରେ ସହଯୋଗ କରିଥିଲେ। ଡିସେମ୍ବର ୨ ସାନ୍ଧ୍ୟ ଫଙ୍କସନ ହଲରେ ହେବାକୁ ଥିବା ବାର୍ଷିକ ଉତ୍ସବ ସମାରୋହରେ ପୁରସ୍କାର ଦିଆଯିବ ବୋଲି ସମ୍ପାଦକ ତପନ କିରଣ ତ୍ରିପାଠୀ କହିଛନ୍ତି।

## ବୋରିଗୁମ୍ମାରେ ଉପଖଣ୍ଡ ଚିକିତ୍ସାଳୟ ଦାବିରେ ୨୬ରୁ ଅନଶନ

**ଜୟପୁର,୨୧।୧୧(ନି.ପ୍ର.)**

ବୋରିଗୁମ୍ମାରେ ଉପଖଣ୍ଡ ଚିକିତ୍ସାଳୟ ଖୋଲିବା ଦାବି ନେଇ ଆସନ୍ତା ୨୬ ତାରିଖରୁ ଅନଶନ କରିବାକୁ ଏଆଇସିସି ସଭ୍ୟ ରବିନ୍ଦ୍ର ମହାପାତ୍ର ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ବୋରିଗୁମ୍ମା ରାଜ୍ୟର ଏକ ବଡ଼ ବ୍ଲକ ହୋଇଥିବା ବେଳେ ଏହା ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ସାମାନ୍ୟ ସ୍ୱାସ୍ଥ୍ୟସେବା ପାଇଁ କୋରାପୁଟ କିମ୍ବା ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି ସ୍ଥାନୀୟ ଲୋକେ। ଜୟପୁରରେ ବନ୍ଦହୋଇ ପଡ଼ିଥିବା ଏସ୍‌ଡିଏଚ୍‌କୁ ବୋରିଗୁମ୍ମାରେ ଖୋଲିବା ପାଇଁ ପୂର୍ବରୁ ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଜିଲା ପ୍ରଶାସନ କିଛି ପଦକ୍ଷେପ ନ ନେବାରୁ ଆସନ୍ତା ୨୬ରେ ବୋରିଗୁମ୍ମା ମୁଖ୍ୟଛକରେ ଧାରଣାରେ ବସିବୁ ବୋଲି ରବିନ୍ଦ୍ର ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## ନାବାଳିକାକୁ ଅପହରଣ ଘଟଣାରେ ୩ କୋର୍ଟ ଚାଲାଣ

**ଡାବୁଗାଁ,୨୧।୧୧ (ଡି.ଏନ.ଏ.)**

ନାବାଳିକା ଅପହରଣରେ ସହାୟତା ଅଭିଯୋଗରେ ବୁଧବାର ୩ ଜଣଙ୍କୁ ଗିରଫ କରିକୋର୍ଟଚାଲାଣ କରିଛି ଡାବୁଗାଁ ପୋଲିସ। ସେମାନେ ହେଲେ ବଡ଼ବରାଯୋଡିର ଯୋଗେନ୍ଦ୍ର ସାନ୍ତା (୧୯), ହଳଦିଗୁଡ଼ାର ବୈଶାଖୁ ଭତ୍ରା (୩୦), ତେନ୍ତୁଳିଖୁଣ୍ଟି ଥାନା ଅଧୀନ ହାତୀପୋଖନାର ଟଙ୍କ ସାନ୍ତା (୨୫)। ଡାବୁଗାଁ ଥାନା ସାନବରାଯୋଡ଼ି ଗ୍ରାମର ୧୮ ବର୍ଷର ବାଳକ ସେହି ଗ୍ରାମର ଜଣେ ୧୫ ବର୍ଷର ନାବାଳିକାଙ୍କ ସହ ଗତ ୨ ବର୍ଷ ହେଲା ପ୍ରେମ ସମ୍ପର୍କ ରଖିଥିଲା। ନାବାଳିକାଙ୍କ ସହ ବାଳକ ଜଣଙ୍କ ମେ' ୩୧ ସନ୍ଧ୍ୟାରେ ଗାଁ ସ୍କୁଲ ପାଖରେ କଥାବାର୍ତ୍ତା ହୋଇଥିଲେ। ବାଳକ ଜଣଙ୍କ ରାତ୍ର ପ୍ରାୟ ୧୧ଟାରେ ନାବାଳିକାକୁ ଫୋନ କରି ଗାଁ ଶେଷ ମୁଣ୍ଡକୁ ଡ଼ାକିଥିଲା। ସେଠାରୁ ଯୋଗେନ୍ଦ୍ର ସାନ୍ତା ୨ ଜଣଙ୍କୁ ବାଇକରେ ବୈଶାଖୁଙ୍କ ଘରେ ଛାଡିଥିଲେ। ପରଦିନ ସେଠାରୁ ହାତୀପୋଖନାର ଟଙ୍କଙ୍କ ଘରେ ଯାଇ ରହିଥିଲେ। ପୀଡ଼ିତା ଓ ନାବାଳକଙ୍କ ଡାକ୍ତରୀ ମାଇନା କରାଯାଇ ବାଳକକୁ ନବରଙ୍ଗପୁର କୋର୍ଟରେ ହାଜର କରି ବ୍ରହ୍ମପୁର ବାଳ ସୁଧାର ଗୃହରେ ଛଡ଼ାଯାଇଥିଲା।

# ଇଦ୍-ମିଲାଦୁନ୍-ନବୀ ପାଳିଲେ ମୁସଲମାନ

**ଜୟପୁର,୨୧।୧୧(ଡି.ଏନ୍.ଏ.)**

ଜୟପୁର ସହରରେ ସୁନ୍ନି ମୁସଲମାନ ସଂପ୍ରଦାୟ ପକ୍ଷରୁ ମହାପୁରୁଷ ମହମ୍ମଦଙ୍କ ୧୪୫୭ତମ ଜନ୍ମଦିବସ ଅବସରରେ ଜସ୍ନ-ଏ-ଇଦ୍-ମିଲାଦୁନ୍-ନବୀ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ପୂର୍ବାହ୍ନରେ ଡେରାସାହିସ୍ଥିତ ଜାମା ମସଜିଦରୁ ତାଜିଆ ଶୋଭାଯାତ୍ରା ବାହାରି ହାଇଦ୍ରାବାଦ ଲେନ୍, ବାଘ ଭଣ୍ଡାର ସାହି, କେବିଏସ୍‌ଡି ରୋଡ, ମେନ ରୋଡ ଦେଇ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ଓ ସେଠାରୁ ପୁଣି ଜୟପୁର ମେନ ରୋଡ ଦେଇ ମସଜିଦରେ ପହଞ୍ଚିଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ଶୋଭାଯାତ୍ରାରେ ଯୋଗ ଦେଇଥିବା ବ୍ୟକ୍ତିଙ୍କ ପାଇଁ ସରବତ, ଜଳଖିଆ, ମିଷ୍ଟାନ୍ନ ବ୍ୟବସ୍ଥା କରାଯାଇଥିଲା। ମଧ୍ୟାହ୍ନରେ ସହରର ପୁରୁଣାଗଡ଼ ସ୍ଥିତ ନାକଟିଡଙ୍ଗର ପାହାଡ଼ ପାଦଦେଶରେ ଥିବା ସରିଫ ହଜରତ ଚମନ ସାହା ୱାଲି ବାବାଙ୍କ ଦରଘାରେ ପ୍ରାର୍ଥନା ହେବା ସହ ମୁସଲମାନ ଧର୍ମଗୁରୁ ଏବଂ ମୌଲବୀମାନେ ପ୍ରବଚନ ଦେଇଥିଲେ। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଜନତାଙ୍କ ପାଇଁ ଭୋଜନ ବ୍ୟବସ୍ଥା ହୋଇଥିଲା।



ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଫଟୋରେ ଖବର



ନନ୍ଦପୁର ବ୍ଲକ ଥୁବା, ପାତ୍ରପଣ୍ଡି ଓ ଜଲାପୁଟ ଗ୍ରାମର ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ଅବସରରେ ବୁଧବାର ବାହାରିଥିବା ତାଜିଆ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରୁଛି।



ଶୁଭେନ୍ଦୁ ପାଢ଼ୀଙ୍କ ପ୍ରଯୋଜନା ଓ ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ କୋରାପୁଟିଆ ଚଳଚ୍ଚିତ୍ର 'କୁକୁଡ଼ା ଚୋର୍'ର ଶୁଭ ମହୁରତ ବୁଧବାର କୁନ୍ଦୁରା ଶ୍ରୀଜଗନ୍ନାଥ ମନ୍ଦିରରେ ସୁଟିଂ ସେଟ୍‌ର ସହଯୋଗୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି।




ହାଇଦ୍ରାବାଦର 'ମୁଭମେଣ୍ଟ', କୋରାପୁଟ ୱାର୍କର୍ସ କ୍ଲବ, ଲେଡିଜ କ୍ଲବ ମିଳିତ ସହଯୋଗରେ ଶାକାହାରି ଖାଦ୍ୟ ବ୍ୟବହାରର ଲାଭ ଓ ଖାଦ୍ୟ ପାଇଁ ଜୀବ ହତ୍ୟା ବିରୋଧରେ ବୁଧବାର କୋରାପୁଟରେ ସଚେତନତା ଶୋଭାଯାତ୍ରା।




# ଦୁର୍ଗମ ଅଞ୍ଚଳରେ ୫୪ ଗ୍ରାମର ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା

**ମାଲକାନଗିରି, ୨୧।୧୧ (ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଞ୍ଚଳରେ ଥିବା ୫୪ଟି ଦୁର୍ଗମ ଅଞ୍ଚଳର ଗ୍ରାମବାସୀ ସ୍ୱାସ୍ଥ୍ୟ ସେବା ପାଇଛନ୍ତି। ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୨ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୪ ଦୁର୍ଗମ ଅଞ୍ଚଳର ଗ୍ରାମରେ ଥିବା ଗର୍ଭବତୀ ମହିଳା, ଶିଶୁ, ମ୍ୟାଲେରିଆ ପୀଡିତା ଲୋକମାନଙ୍କୁ ଚିକିତ୍ସା ସୁବିଧା ମିଳିଛି। ଏହି ୧୨ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଓ ଆଶା, ଅଙ୍ଗନୱାଡି କର୍ମୀମାନେ ଦୁର୍ଗମ ଅଞ୍ଚଳକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଗତ ୧୯ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଡିସେମ୍ବର ୧୦ରେ ଶେଷ ହେବ । ଏହି ସମୟ ରେ ସ୍ୱାସ୍ଥ୍ୟ କର୍ମୀମାନେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ରକ୍ତଚାପ, ଓଜନ, ହେମଗ୍ଲୋବିନ୍ ପରୀକ୍ଷା କରି ଆବଶ୍ୟକ ସ୍ଥଳେ ଔଷଧ ବିତରଣ କରିବେ। ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ଓଜନ ଓ ଉଚ୍ଚତା ମାପ କରିବା ସହ ସେମାନଙ୍କର ପୁଷ୍ଟିହିନତା ଚିହ୍ନଟ କରି ଔଷଧ ଦେବେ। ଗୁରୁତର ରୋଗୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିବେ । ଏପ୍ରିଲରୁ ଜୁନ୍ ଏବଂ ନଭେମ୍ବରରୁ ଡିସେମ୍ବର ମାସ ମଧ୍ୟରେ ମାଲକାନଗିରି ଜିଲାରେ ଦମନ କାର୍ଯ୍ୟକ୍ରମ ଅନୁଯାୟୀ ଏହା କରାଯାଉଛି । କାର୍ଯ୍ୟକ୍ରମକୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁବ୍ରତ ଜେନା, ମ୍ୟାଲେରିଆ ବିଭାଗ ଦାୟିତ୍ୱରେ ଥିବା ଅମୂଲ୍ୟ ରତ୍ନ ଷଡଙ୍ଗୀ, ପିଏଚଇଓ ଅନିଶ ଚନ୍ଦ୍ର ରାୟ ଏହି ସମୟ ରେ ବିଭିନ୍ନ ଅଞ୍ଚଳ ଗସ୍ତକରି କାର୍ଯ୍ୟ ତଦାରଖ କରିବେ।

# ବନ ବିଭାଗ ପକ୍ଷରୁ ମହିଳାଙ୍କୁ ରନ୍ଧନ ଗ୍ୟାସ୍ ବିତରଣ

**ମାଲକାନଗିରି,୨୧।୧୧ (ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ବନାଞ୍ଚଳ ତରଫରୁ ବୁଧବାର ମାଲକାନଗିରି ବ୍ଲକ ସେର୍‌ପାଲି ପଞ୍ଚାୟତର ରଙ୍ଗମାଟିଗୁଡା ଏବଂ ଗୁଡୁନାଡ ଗ୍ରାମର ୨୪ ଜଣ ମହିଳାଙ୍କୁ ରନ୍ଧନ ଗ୍ୟାସ ବିତରଣ କରାଯାଇଛି । ରଙ୍ଗମାଟିଗୁଡା ବନ ସଂରକ୍ଷଣ ସମିତି ଏବଂ ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଗ୍ରାମବାସୀ ଆଗାମୀ ଦିନରେ ତାଙ୍କ ଗ୍ରାମ ନିକଟ ଜଙ୍ଗଲ ସୁରକ୍ଷା କରିବା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା କରିବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତାଲିମ୍ ନିର୍ଦ୍ଦେଶକ ସତୀନ୍ଦ୍ରନାଥ ହାଲଦାର ଯୋଗଦେଇ କହିଲେ ଗ୍ୟାସ ବିତରଣ ଦ୍ୱାରା ଜଙ୍ଗଲରୁ କାଠ ସଂଗ୍ରହ କରୁଥିବା ପରିବାରଗୁଡିକ ଜାଳେଣି କାଠ ପାଇଁ ଆଉ ଜଙ୍ଗଲ ଉପରେ ନିର୍ଭର କରିବେ ନାହିଁ। ମହିଳାମାନେ ଜଙ୍ଗଲ ସୁରକ୍ଷା କରି ଜଙ୍ଗଲରୁ ଉତ୍ପାଦିତ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରି କରି କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ବୁଝାଇଥିଲେ । ସୁରେନ୍ଦ୍ର ଦେଉଡି, ଅଭିମନ୍ୟୁ ନାୟକ, ସୁବ୍ରତ ପଣ୍ଡା, ପଲାସ ବିଶ୍ୱାସ.ଶ୍ରୀନିବାସ ପାତ୍ର ଉପସ୍ଥିତ ଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ